# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 November – 2025

********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ୨୧ତମ କିସ୍ତି ଆସନ୍ତା ବୁଧବାର ଦିନ ପ୍ରଦାନ କରାଯିବ
- ସମବାୟ ସଂସ୍ଥାଗୁଡ଼ିକ ସାମାଜିକ ନ୍ୟାୟ, ଆର୍ଥିକ ସଶକ୍ତୀକରଣ ଏବଂ ସାମୂହିକ ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି
- ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କର ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଆଜି ଅପରାହ୍ଣରେ ଅନୁଷ୍ଠିତ ହେବ ପଇତାଲାଗି ନୀତି

ଏବଂ

- ମସ୍ତିଷ୍କ ଓ ସ୍ନାୟୁଜନିତ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଜାତୀୟ ଅପସ୍ମାର ଦିବସ

## ପିଏମ୍ କିଷାନ

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ୨୧ତମ କିସ୍ତି ଆସନ୍ତା ୧୯ ତାରିଖ ଦିନ ପ୍ରଦାନ କରାଯିବ ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିରେ ପ୍ରାୟ ୯ କୋଟି ଚାଷୀଙ୍କ ନିକଟକୁ ୧୮ ହଜାର କୋଟି ଟଙ୍କା ପ୍ରଦାନ କରାଯିବ। ଏହି ଯୋଜନାରେ ବାର୍ଷିକ ଯୋଗ୍ୟ କୃଷକ ପରିବାରଙ୍କୁ ୬ ହଜାର ଟଙ୍କା ଲେଖାଏଁ ଦିଆଯାଉଛି। ରାଜ୍ୟରେ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ଖାତାକୁ ଏହି ଟଙ୍କା ଆସିବ।

## ସମବାୟ

ରାଜ୍ୟରେ ସମବାୟ ସଂସ୍ଥାଗୁଡ଼ିକ  ସାମାଜିକ ନ୍ୟାୟ, ଆର୍ଥିକ ସଶକ୍ତୀକରଣ ଏବଂ ସାମୂହିକ ବିକାଶର ଅନନ୍ୟ ଅନୁଷ୍ଠାନ ଭାବେ କାର୍ଯ୍ୟ କରିଆସୁଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ  ରାଜ୍ୟ ସମବାୟ ନୀତି ୨୦୨୫ ଚୂଡାନ୍ତ ପ୍ରକ୍ରିୟା ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ବଳସାମନ୍ତ ଯୋଗଦେଇ  କହିଛନ୍ତି, ଓଡ଼ିଶାରେ ବର୍ତ୍ତମାନ ୮ ହଜାର ସମବାୟ ସଂସ୍ଥା ରହିଛି। ଏହି ସଂସ୍ଥାଗୁଡ଼ିକ କୃଷି, ସାମଗ୍ରୀଯୋଗାଣ, ଧାନ ସଂଗ୍ରହ, ଗ୍ରାହକ ସେବା, ଗୃହ ନିର୍ମାଣ, ପଶୁପାଳନ, ହସ୍ତତନ୍ତ, ହସ୍ତଶିଳ୍ପ ଆଦି କ୍ଷେତ୍ରରେ ବିପ୍ଳବ ଆଣିଛି।  ଆର୍ଥିକ ଓ ସାମାଜିକ ଅନ୍ତର୍ଭୁକ୍ତୀକରଣ ପାଇଁ ସମବାୟର ଅବଦାନ ଅତୁଳନୀୟ। ୨୦୩୬ ମସିହା ସୁଦ୍ଧା ଓଡ଼ିଶାରେ ସମବାୟ ନେତୃତ୍ୱାଧୀନ ସମୃଦ୍ଧି ପାଇଁ କାର୍ଯ୍ୟଖସଡା ଓ ୨୦୪୭ ମସିହା ସୁଦ୍ଧା

ସହଯୋଗ ମାଧ୍ୟମରେ ସମୃଦ୍ଧିକୁ ଜାତୀୟ ଏଜେଣ୍ଡାରେ ସ୍ଥାନ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

**- V/O -**

ରାଜ୍ୟର ସମବାୟ କ୍ଷେତ୍ରକୁ ପରିବର୍ତ୍ତନ କରିବାରେ ଓଡ଼ିଶା ସମବାୟ ନୀତି ୨୦୨୫ର ମୂଳ ଲକ୍ଷ୍ୟ।

ଏହି କ୍ଷେତ୍ରରେ ଉତ୍ତମ ଶାସନ ସୁନିଶ୍ଚିତ, ସହଜ, ସରଳ ଏବଂ ମାନବ ସମ୍ବଳକୁ ଦୃଢ଼ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି।  ଏହି କାର୍ଯ୍ୟକ୍ରମ ପୂର୍ବରୁ ୪ଟି ଜୋନ୍‌ରେ ଅନୁଷ୍ଠିତ ହୋଇସାରିଛି। ଭୁବନେଶ୍ୱରଠାରେ ଆଜି ଆୟୋଜିତ ଅନ୍ତିମ ପର୍ଯ୍ୟାୟ କର୍ମଶାଳାରେ ବିଭିନ୍ନ ବର୍ଗର ଜନସାଧାରଣ ଓ ନୀତି ନିର୍ଦ୍ଧାରକଙ୍କ ସହ ଚିଠା ସମବାୟ ନୀତି ୨୦୨୫ ଉପରେ ଆଲୋଚନା କରାଯାଇ ମତାମତ ଗ୍ରହଣ କରାଯାଇଛି।

# ଭିନ୍ନକ୍ଷମ ଶିବିର

**ଗଞ୍ଜାମ** ଜିଲ୍ଲା ପୋଲସରା ବ୍ଲକ୍ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କାର୍ଯ୍ୟକ୍ରମରେ ଯୋଗଦେଇ ସରକାରଙ୍କର ସମସ୍ତ ସୁବିଧା ସମାଜର ଶେଷ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ କରିବା ପାଇଁ କହିଥିଲେ। ଆସିକା ସାଂସଦ ଅନୀତା ପ୍ରିୟଦର୍ଶିନୀ ତାଙ୍କର ବକ୍ତବ୍ୟରେ କହିଥିଲେ,

ସରକାରଙ୍କର କୌଣସି ଯୋଜନାରୁ ଜଣେ ବି ହିତାଧିକାରୀ ବଂଚତ ନ ହୁଏ ସେଥିପାଇଁ ଯତ୍ନବାନ ହେବା ଉଚିତ। ବ୍ଲକ୍‌ର ୨୬ଟି ପଂଚାୟତର ଭିନ୍ନକ୍ଷମମାନେ  କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଦର୍ଶନ ବନ୍ଦ

ମାର୍ଗଶୀର କୃଷ୍ଣ ତ୍ରୟୋଦଶୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ପଇତାଲାଗି ନୀତି ଅନୁଷ୍ଠିତ ହେବ। ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ପଇତାଲାଗି ନୀତି  ଏକ ସ୍ୱତନ୍ତ୍ର ସେବା ହୋଇଥାଏ। ପାଟବସ୍ତ୍ରକୁ ପଇତାଭଳି ବଳାଯାଇ ଦାରୁଦେବତାଙ୍କ ଶ୍ରୀଅଙ୍ଗରେ ଲାଗି କରାଯାଏ।  ଦ୍ୱିତୀୟ ଭୋଗମଣ୍ଡପ ନୀତି ସରିବା ପରେ ପଇତାଲାଗି ନୀତି ଆରମ୍ଭ ହେବ। ମହାପ୍ରଭୁଙ୍କର ଏହା ଏକ ଗୁପ୍ତନୀତି ହୋଇଥିବାରୁ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରାୟ ୫ଘଣ୍ଟା ଧରି ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରି ଶ୍ରୀଜୀଉଙ୍କର ଏହି ଗୁପ୍ତ ସେବା ସମ୍ପନ୍ନ କରିବେ। ନୀତି ସରିବା ପରେ ଠାକୁରଙ୍କ ମହାସ୍ନାନ ବଢ଼ିଲେ ପୁଣି ଦର୍ଶନ ଆରମ୍ଭ ହେବ।

# ଅକ୍ଷୟ ମହାନ୍ତି

ଓଡ଼ିଆ ସଂଗୀତ ଜଗତର ପ୍ରସିଦ୍ଧ ସଂଗୀତଜ୍ଞ, ଗାଳ୍ପିକ, ଓ ଔପନ୍ୟାସିକ ଅକ୍ଷୟ ମହାନ୍ତିଙ୍କର ଆଜି ପୂଣ୍ୟତିଥିରେ ସଂଗୀତପ୍ରେମୀ, କଳାକାର ଓ ଜନସାଧାରଣ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ଓଡ଼ିଶାର ସୁନାମଧନ୍ୟ ଗାୟକ ତଥା ନିଜ ନିଆରା ସଂଗୀତ ରଚନାଶୈଳୀ ପାଇଁ ଶ୍ରୋତାଙ୍କୁ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଅକ୍ଷୟ ମହାନ୍ତି ତଥା ସମସ୍ତଙ୍କ ପ୍ରିୟ ଖୋକା ଭାଇ ପ୍ରେରଣାର ଉତ୍ସ। ଲୋକପ୍ରିୟ କଣ୍ଠଶିଳ୍ପୀ ମହାନ ସଂଗୀତ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତିଙ୍କ ଶ୍ରଦ୍ଧାବାର୍ଷିକୀ ଉପଲକ୍ଷେ ଶୁଣନ୍ତୁ ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଉପସ୍ଥାପନା....

ଓଡ଼ିଆ ସଂଗୀତ ଜଗତର ମୁକୁଟବିହୀନ ସମ୍ରାଟ ସମସ୍ତଙ୍କ ପ୍ରିୟ ଅକ୍ଷୟ ମହାନ୍ତି ତାଙ୍କ କାଳଜୟୀ ସଂଗୀତ ପାଇଁ ସର୍ବଦା ସ୍ମରଣୀୟ। ଅକ୍ଷୟ ମହାନ୍ତିଙ୍କ କଣ୍ଠରେ ଏକ ଯାଦୁକରୀ ଥିଲା। ଯାହା ପ୍ରତ୍ୟେକ ସଂଗୀତକୁ ଜୀବନ୍ତ କରୁଥିଲା। ସେ ଥିଲେ ଓଡ଼ିଆ ଲଘୁସଂଗୀତର ଅପ୍ରତିଦ୍ୱନ୍ଦୀ ଦିଗ୍‌ଦର୍ଶକ। ଜନମାନସରେ ତାଙ୍କର ମଧୁର କଣ୍ଠସ୍ୱରର ସ୍ୱତନ୍ତ୍ରତା ଏପର୍ଯ୍ୟନ୍ତ ଅନ୍ୟ କାହା ପାଖରେ ଦେଖାଯାଇନାହିଁ। ୧୯୪୮ ମସିହାରେ ଆକାଶବାଣୀର ପ୍ରତିଷ୍ଠା ଦିବସରେ ସ୍ୱର୍ଗତ ମହାନ୍ତି ଶିଶୁ କଣ୍ଠଶିଳ୍ପୀ ଭାବେ କଣ୍ଠଦାନ କରି ସଂଗୀତର ଯାତ୍ରା ଆରମ୍ଭ କରିଥିଲେ।

ଜୀବନଦଶାରେ ସଂଗୀତକୁ ପେଶା କରି ସ୍ୱର୍ଗତ ମହାନ୍ତି ଯେଉଁ ଛାପ ଛାଡିଯାଇଛନ୍ତି, ତାହା ଅବିସ୍ମରଣୀୟ। ସାଲବେଗଙ୍କ ରଚନା ଏବଂ ଅକ୍ଷୟ ମହାନ୍ତିଙ୍କର କଣ୍ଠରେ, ଜଗନ୍ନାଥ ଜଣାଣ.. କେଣେ ଘେନି ଯାଉଛ

ଜଗନ୍ନାଥଙ୍କୁ... ଓଡ଼ିଆ ଭଜନରେ ଏକ ନୂଆ ଧାରା ଆରମ୍ଭ କରିଥିଲା। ହେ ଫଗୁଣରେ ତୁମେ, ଉଦାସୀ ମନର କଥା ଏବଂ ରାଜା ଝିଅ ସାଙ୍ଗେ କରିଥିଲି ଭାବ, ଲଘୁ ସଂଗୀତର ଏକ ସ୍ୱତନ୍ତ୍ର ପରିଚୟ ଓଡ଼ିଆ ସଂଗୀତ ପ୍ରେମୀଙ୍କ ମନରେ ଖୁସିର ଲହରୀ ଆଣିଦେଇଥିଲା।

ତାଙ୍କ ସଂଗୀତଗୁଡ଼ିକ ମଧ୍ୟରେ ଜୁକୁ ଜୁକୁ ସକାଳର ଗାଡ଼ି, ଜାତକ ପଡିଛି ରାଜଯୋଟକ, ଏଇନା ଏଇନା ଚିହ୍ନା, ବନ୍ଧୁରେ ଆଣିଦେ ଧରି ସୁନା ଇଲିସି ଭଳି ଗୀତି ପ୍ରଥମେ କଲିକତାସ୍ଥିତ ଗାଥାନୀ କମ୍ପାନୀ ରେକର୍ଡ କରି ବ୍ୟବସାୟିକ ରେକର୍ଡକୁ ବଜାରକୁ ଛାଡିଥିଲା। ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କର କଣ୍ଠରେ ଏବଂ ଶିବବ୍ରତ ଦାସଙ୍କ ରଚିତ ଯା ଯାରେ ଭାସି ଭାସିଯା ନଉକା ମୋରେ ଭାସିଯା ଯାହାର ସ୍ୱର ସଂଯୋଜନା ଏବଂ ଗାଇବାର ଶୈଳୀ ବର୍ତ୍ତମାନ ସମୟରେ ମଧ୍ୟ ପ୍ରାଣବନ୍ତ ହୋଇପାରିଛି।  ମହାନଦୀର ବିସ୍ତାରିତ ବକ୍ଷରେ ନଉକା ବାହି ଯାଉଥିବା ନାଉରୀର ଚକ୍ଷୁ ଆଢୁଆଳରୁ ବର୍ତ୍ତିଯାଇନାହାଁନ୍ତି ନଈ ତୁଠରେ ସ୍ନାନ କରୁଥିବା ପଞ୍ଚକନ୍ୟା। ଓଡ଼ିଆ ସଂଗୀତରେ ସେ ଅନେକ ପରଖ ଓ ନୂଆ ଶବ୍ଦ ଆଣିଥିଲେ। ୧୨୯ଟି ଚଳଚ୍ଚିତ୍ରରେ କଣ୍ଠଦାନ, ୯୨ଟି ଗୀତ ରଚନା ଏବଂ ୭୫ଟି ଚଳଚ୍ଚିତ୍ରରେ ସଂଗୀତ ନିର୍ଦ୍ଦେଶନା ଦେଇ ଓଡ଼ିଆ ଚଳଚିତ୍ର ଇତିହାସରେ ଏକ ଅଭୁଲା ଛାପ ଛାଡ଼ିଯାଇଛନ୍ତି।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ଏହି ମହାନ କଳାକାରଙ୍କୁ ଶ୍ରଦ୍ଧାଞ୍ଜଳି

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ଆଲୋଚନାଚକ୍ର

ଓଡ଼ିଶା ସାହିତ୍ୟ ଏକାଡେମୀ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡ଼ିଆ ଚେୟାର, କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆଜି ଭକ୍ତି ସାହିତ୍ୟ ସମ୍ବନ୍ଧୀୟ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ଯୋଗଦେଇ କର୍ମ, ଜ୍ଞାନ ଓ ଯୋଗମାର୍ଗ ଅପେକ୍ଷା ଭକ୍ତମାର୍ଗ ସମସ୍ତଙ୍କ ମଧ୍ୟରେ ଅନ୍ୟତମ ବୋଲି କହିଛନ୍ତି। ଏହାସହ ଭକ୍ତିସାହିତ୍ୟର ଆଭିମୁଖ୍ୟ ଉପରେ ମତ ବ୍ୟକ୍ତ କରିଥିଲେ।  ଆଲୋଚନାଚକ୍ରରେ ପଞ୍ଚସଖା ଓ ଶ୍ରୀଚୈତନ୍ୟ, ଭକ୍ତି ଆନ୍ଦୋଳନ ଓ ଓଡ଼ିଆ ଭାଗବତ ଉପରେ ଆଲୋଚନା କରାଯାଇଥିଲା।

## ଅପସ୍ମାର ଦିବସ

ଅପସ୍ମାର ବା ଏପିଲେପ୍‌ସି ରୋଗ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ଅପସ୍ମାର ଦିବସ ପାଳନ କରାଯାଉଛି । ଚଳିତବର୍ଷର ବିଷୟବସ୍ତୁ ରହିଛି 'ମୋ ଅପସ୍ମାର ଯାତ୍ରା'। ଏହି ରୋଗରେ ପୀଡିତ ବ୍ୟକ୍ତିବିଶେଷଙ୍କୁ  ରୋଗ ସହ ସେମାନଙ୍କର ବ୍ୟକ୍ତିଗତ ଅଭିଜ୍ଞତା ବାଣ୍ଟିବାକୁ ଉତ୍ସାହିତ କରୁଛି। ଯାହାଦ୍ୱାରା ସଚେତନତା ବୃଦ୍ଧି ହେବା ସହ ଏଥିରେ ପୀଡିତ ଲୋକଙ୍କ ବିଭିନ୍ନ ପ୍ରତିବନ୍ଧକ ଏବଂ ଆହ୍ୱାନ ବିଷୟରେ

ବୁଝାମଣା ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ରଖାଯାଇଛି। ଅପସ୍ମାର ଏକ ପ୍ରକାର ମସ୍ତିଷ୍କ ରୋଗ । ବିଶେଷଜ୍ଞଙ୍କ ମତରେ ମସ୍ତିଷ୍କର ସ୍ନାୟୁକୋଷର କାର୍ଯ୍ୟଧାରାରେ ବିଘ୍ନ ହେଲେ ଏହି ରୋଗର ଲକ୍ଷଣ ଦେଖାଦେଇଥାଏ । ନିୟମିତ ଚିକିତ୍ସା ଏବଂ ରୋଗୀଙ୍କ ଉପଯୁକ୍ତ ଯତ୍ନ ଅପସ୍ମାର ରୋଗର ଲକ୍ଷଣକୁ ହ୍ରାସ କରିବାରେ ସହାୟକ ହୋଇଥାଏ । ଅପସ୍ମାର ଏକ ଅଣସଂକ୍ରାମକ ରୋଗ, ଯାହା ଜେନେଟିକ୍, ଶାରୀରିକ ଗଠନ, ଜୈବ ରାସାୟନିକ ପ୍ରତିକ୍ରିୟା, ସଂକ୍ରାମକ, ପ୍ରତିରକ୍ଷା ଏବଂ ବିଭିନ୍ନ କାରଣରୁ ହେବାର ସମ୍ଭାବନା ଥାଏ। ରୋଗ ସମ୍ପର୍କରେ ବଲାଙ୍ଗିର ହରିଶଙ୍କର ମେଡିକାଲ ଅଫିସର ଡାକ୍ତର **ଲଲାଟ ଦାସ** ଆକାଶବାଣୀକୁ କହିଛନ୍ତି.....

**- V/O -(ଲଲାଟ ଦାସ)**

## ବାର୍ଷିକ ଉତ୍ସବ

**ଭଦ୍ରକ** ଜିଲ୍ଲା ଆଗରପଡ଼ାଠାରେ ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।